# Official Spokesperson's response to media queries on the incident of desecration of the sanctity of Gurudwara Shri Darbar Sahib in Pakistan

November 30, 2021

## ପାକିସ୍ତାନରେ ଗୁରୁଦ୍ୱାରା ଶ୍ରୀ ଦରବାର ସାହିବଙ୍କ ପବିତ୍ରତାକୁ ଅପମାନିତ କରିବା ଘଟଣାକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ନଭେମ୍ବର 30, 2021

**ପାକିସ୍ତାନରେ ଗୁରୁଦ୍ୱାରା ଶ୍ରୀ ଦରବାର ସାହିବଙ୍କ ପବିତ୍ରତାକୁ ଅପମାନିତ କରିବା ଘଟଣାକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

"ଜଣେ ପାକିସ୍ତାନୀ ମଡେଲ ଓ ଏକ ପୋଷାକ ବ୍ରାଣ୍ଡ ଦ୍ୱାରା ଗୁରୁଦ୍ୱାରା ଶ୍ରୀ ଦରବାର ସାହିବଙ୍କ ପବିତ୍ରତାକୁ ଅପମାନିତ କରିବା ଘଟଣାକୁ ନେଇ ଆମର ଗଭୀର ଚିନ୍ତା ପ୍ରକଟ କରିବାକୁ ଆଜି ପାକିସ୍ତାନୀ ଦୂତାବାସର ଅଧିକାରୀଙ୍କୁ ଡକାଯାଇଥିଲା।

ଏହା ଜଣାଇଦିଆଯାଇଥିଲା ଯେ ଏହି ନିନ୍ଦନୀୟ ଘଟଣା ଭାରତ ତଥା ବିଶ୍ୱର ଶିଖ ସମୁଦାୟର ଭାବନାକୁ ଗଭୀର ଆଘାତ ଦେଇଛି। ପାକିସ୍ତାନର ସଂଖ୍ୟାଲଘୁ ସମୁଦାୟର ଧାର୍ମିକ ପୂଜାପାଠ ସ୍ଥାନଗୁଡିକର ଅପମାନ ତଥା ଅସମ୍ମାନର ଏହିପରି ଘଟଣା ଏହି ସମୁଦାୟର ବିଶ୍ୱାସ ପ୍ରତି ସମ୍ମାନର ଅଭାବକୁ ଦର୍ଶାଉଛି।

ପାକିସ୍ତାନୀ ଦୂତାବାସର ଅଧିକାରୀଙ୍କୁ ଏହା ମଧ୍ୟ ଜଣାଇଦିଆଯାଇଛି ଯେ ଆମେ ଆଶା କରୁଛୁ ପାକିସ୍ତାନୀ କର୍ତ୍ତୃପକ୍ଷ ଏହି ଘଟଣାର ନିଷ୍ଠାର ସହ ଅନୁସନ୍ଧାନ କରିବେ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।"

**ନୂଆଦିଲ୍ଲୀ**

**ନଭେମ୍ବର 30, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.